# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 8 January - 2025

**********************************

## ପ୍ରବାସୀ ଭାରତୀୟ ଦିବସ

ଅଷ୍ଟାଦଶ ପ୍ରବାସୀ ଭାରତୀୟ ସମ୍ମିଳନୀ ଆଜିଠାରୁ ଭୁବନେଶ୍ୱରର ଜନତା ମଇଦାନରେ ଆରମ୍ଭ ହେଉଛି । ପ୍ରଥମଥର ପାଇଁ ଓଡ଼ିଶାରେ ଆୟୋଜନ ହେଉଥିବା ଏହି ସମ୍ମିଳନୀରେ ଓଡ଼ିଶାର ସମୃଦ୍ଧ କଳା, ସଂସ୍କୃତି ଓ ଐତିହ୍ୟକୁ ବିଶ୍ୱ ଦରବାରରେ ପହଁଞ୍ଚାଇବା ପାଇଁ ଏକ ପ୍ରକୃଷ୍ଟ ଅବସର ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।

ସମ୍ମିଳନୀ ଆଜି ପୂର୍ବାହ୍ନ ୧୦ଟାରେ ଉଦ୍‌ଘାଟନ ଉତ୍ସବରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର, କେନ୍ଦ୍ର ଯୁବବ୍ୟାପାର ଓ କ୍ରୀଡାମନ୍ତ୍ରୀ ମନସୁଖ ଏଲ୍. ମାଣ୍ଡବ୍ୟ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ପ୍ରମୁଖ ଯୋଗଦେବେ । କେନ୍ଦ୍ରୀୟ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଗେରିଟା, କେନ୍ଦ୍ରୀୟ ଯୁବ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ରକ୍ଷା ନିଖିଲ ଖଡ଼୍‌ସେଙ୍କ ଉପସ୍ଥିତିରେ ସମ୍ମିଳନୀ ଉଦ୍‌ଘାଟନ ହେବ । ଯୁକ୍ତରାଷ୍ଟ୍ର ଆମେରିକା ନ୍ୟୁଜ ଓ୍ୱିକର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡକ୍ଟର ଦେବ ପ୍ରଗଡ ସମ୍ମାନୀତ ଅତିଥିଭାବେ ଯୋଗଦେବା ନେଇ କାର୍ଯ୍ୟସୂଚୀ ଜାରି କରାଯାଇଛି ।

ତିନିଦିନିଆ ସମ୍ମିଳନୀର ପୂର୍ଣ୍ଣାଙ୍ଗ ଅଧିବେଶନରେ ଓଡିଶା ସମ୍ବନ୍ଧୀୟ ସ୍ୱତନ୍ତ୍ର ଅଧିବେଶନ ଭାରତ ସର୍ବୋତ୍ତମ 'ସୁରକ୍ଷିତ ରହସ୍ୟ ଉନ୍ମୋଚନ' ପ୍ରସଙ୍ଗରେ ଆଲୋଚନା ହେବ । କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସଚିବ ଅରୁଣ କୁମାର ଚାଟାର୍ଜୀ ଗଣମାଧ୍ୟମକୁ ସୂଚନାଦେଇ କହିଛନ୍ତି-

**- V/O -**

ମହିଳାମାନଙ୍କ ପାଇଁ ପ୍ରବାସୀ ଭାରତୀୟ ସମ୍ମିଳନୀରେ ଆଲୋଚନା ପାଇଁ ସ୍ୱତନ୍ତ୍ର ବୈଠକ ବ୍ୟବସ୍ଥା କରାଯାଇଛି। ସମ୍ମିଳନୀରେ ଓଡ଼ିଶାରେ ପୁଞ୍ଜିବିନିଯୋଗ ସମ୍ଭାବନା ନେଇ ପ୍ରବାସୀ ଭାରତୀୟମାନଙ୍କ ସହିତ ଆଲୋଚନା ହେବ ବୋଲି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି।

ପ୍ରବାସୀ ଭାରତୀୟ ସମ୍ମିଳନୀର ଦ୍ୱିତୀୟ ଦିନରେ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୁଖ୍ୟ ଅତିଥିଭାବେ ଯୋଗଦେବେ ଏବଂ ଥିମ୍ ପାଭିଲିୟନକୁ ପ୍ରଧାନମନ୍ତ୍ରୀ ଉଦଘାଟନ କରିବେ। ଆଜି ଅପରାହ୍ନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭୁବନେଶ୍ୱରରେ ପହଞ୍ଚିବେ ।

ଦେଶର ବିଭିନ୍ନ ପର୍ଯ୍ୟଟନସ୍ଥଳ ବୁଲାଇବା ପାଇଁ ତିନିଦିନ ଧରି ଚାଲିବାକୁ ଥିବା ପ୍ରବାସୀ ଭାରତୀୟ ଏକ୍ସପ୍ରେସ୍‌ର ଶୁଭାରମ୍ଭ କରିବେ। ଅପରାହ୍ନରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରବାସୀ ଭାରତୀୟମାନଙ୍କ ସହ ବିକଶିତ ଭାରତ-୨୦୪୭ ସମ୍ବନ୍ଧରେ ଆଲୋଚନା କରିବାର କାର୍ଯ୍ୟକ୍ରମ

ରହିଛି । ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ ଶୁକ୍ରବାର ଦିନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥିଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ପୁରୀ ବେଳାଭୂମି ମହୋତ୍ସବ

ପୁରୀ ବେଳାଭୂମି ମହୋତ୍ସବ ଗତକାଲିଠାରୁ ଆରମ୍ଭ ହୋଇଛି । ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ମହୋତ୍ସବକୁ ଉଦ୍‌ଘାଟନ କରି କହିଛନ୍ତି, ପ୍ରବାସୀ ଭାରତୀୟ ଦିବସ ପାଳନ ଅବସରରେ ମହାପ୍ରଭୁଙ୍କ ଦର୍ଶନ ସହିତ ସ୍ୱର୍ଣ୍ଣିମ ବେଳାଭୂମି, କୋଣାର୍କ ଏବଂ ଅନ୍ୟ ଦର୍ଶନୀୟ ସ୍ଥାନମାନଙ୍କୁ ପ୍ରବାସୀ ଭାରତୀୟମାନଙ୍କୁ ବୁଲିବା ପାଇଁ ଉତ୍ସାହିତ କରିବ । ରାଜ୍ୟର ସଂସ୍କୃତି, ଐତିହ୍ୟ ଏବଂ ପର୍ଯ୍ୟଟନ ଶିଳ୍ପକୁ ଏହା ପ୍ରୋତ୍ସାହିତ କରିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା କହିଛନ୍ତି ।

## ଜାତୀୟ ଯୁବ ଉତ୍ସବ

ଚଳିତମାସ ନୂଆଦିଲ୍ଲୀରେ ଆୟୋଜନ ହେବାକୁ ଥିବା ଜାତୀୟ ଯୁବ ଉତ୍ସବରେ ଅଂଶଗ୍ରହଣ କରୁଥିବା ୭୫ଜଣ ଓଡିଆ ଯୁବ ପ୍ରତିନିଧି ଦଳକୁ ରାଜ୍ୟପାଳ ହରିବାବୁ କମ୍ଭମପତି ଶୁଭେଚ୍ଛା ଜଣାଇଛନ୍ତି । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଗତକାଲି ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଯୁବ ପ୍ରତିନିଧିଦଳକୁ ସମ୍ବୋଧିତ କରି ରାଜ୍ୟପାଳ କହିଛନ୍ତି, ବିକଶିତ ଭାରତ ଏକ ସାମୁହିକ ଅଭିଯାନ । ୨୦୪୭ ମସିହା ସୁଦ୍ଧା ଭାରତକୁ ଏକ ବିକଶିତ

ରାଷ୍ଟ୍ରରେ ପରିଣତ କରିବାରେ  ଯୁବ ସମ୍ପ୍ରଦାୟଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ରାଜ୍ୟପାଳ କହିଛନ୍ତି ।

## ନୂଆ ରେଳମଣ୍ଡଳ

ଦେଶର ୭୦ତମ ରେଳମଣ୍ଡଳଭାବେ ରାୟଗଡା ସ୍ଥାନ ପାଇଛି । ଆଦିବାସୀ ବହୁଳ ଏବଂ ଆକାଂକ୍ଷା ଜିଲ୍ଲାରେ ରେଳବାଇର ସେବାକୁ ତ୍ୱରିତ କରିବା ପାଇଁ ଅମିତାଭ ସିଙ୍ଗଲଙ୍କୁ ନୂତନ ରେଳମଣ୍ଡଳର ଡିଆରଏମ୍‌ଭାବେ ନିଯୁକ୍ତି ମିଳିଥିବା ଜଣାପଡିଛି ।

## କ୍ରୀଡା ରାଷ୍ଟ୍ରମନ୍ତ୍ରୀଙ୍କ ଗସ୍ତ

ପ୍ରମୁଖ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଅଧୀନରେ କେନ୍ଦ୍ର ଯୁବବ୍ୟାପାର ଓ କ୍ରୀଡା ରାଷ୍ଟ୍ରମନ୍ତ୍ରୀ ରକ୍ଷା ନିଖିଲ ଖଡ୍‌ସେ ଗତକାଲି ଢେଙ୍କାନାଳ ଜିଲ୍ଲା ଗସ୍ତ କରିଛନ୍ତି । ସଂଘୀୟ ସହଯୋଗ ଭାବନାରେ ରାଜ୍ୟଗୁଡିକୁ ମୁଖ୍ୟ ଚାଳକଭାବେ ଅନ୍ତର୍ଭୁକ୍ତ କରି ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତ୍ୟେକ ଜିଲ୍ଲାର ଶକ୍ତିବୃଦ୍ଧି, ତ୍ୱରିତ ବିକାଶ ଅପେକ୍ଷାରେ ଥିବା କ୍ଷେତ୍ର ଚିହ୍ନଟ କରିବା ପାଇଁ ମନ୍ତ୍ରୀ ଶ୍ରୀମତୀ ଖଡ୍‌ସେ କହିଛନ୍ତି।

## ଲୋକୋ ମହୋତ୍ସବ

ସୁବର୍ଣ୍ଣପୁର ରାମେଶ୍ୱର ଷ୍ଟାଡିୟମରେ ଚାଲିଥିବା ସୁବର୍ଣ୍ଣ ଲୋକୋ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଗତକାଲି ଫକିର ପଟ୍ଟନାୟକ ମୁକ୍ତ

ମଞ୍ଚରେ ପାରମ୍ପାରିକ ଲୋକବାଦ୍ୟ ନୃତ୍ୟ ସହିତ ରାଜସ୍ଥାନର କାଳବେଲିଆ, ଆସାମର ବିହୁ, ମଥୁରା କଳାକାରମାନଙ୍କ ମୟୂରୀ ସହ ଓଡିଶାର ବିଭିନ୍ନ ଜିଲ୍ଲାର କଳାକାରମାନେ ଲୋକନୃତ୍ୟ ପରିବେଷଣ କରିଥିଲେ । ମହୋତ୍ସବରେ ଓଡିଶାର ସାଂସ୍କୃତିକ ନାଭିକେନ୍ଦ୍ର ସୁବର୍ଣ୍ଣପୁର ଜିଲ୍ଲା ସଂସ୍କୃତିର ବାର୍ତ୍ତା ଦେଇଛି ବୋଲି ବୌଦ୍ଧ ଜିଲ୍ଲାପାଳ ସୁବ୍ରତ ପଣ୍ଡା କହିଛନ୍ତି ।

## ହକି ଇଣ୍ଡିଆ ଲିଗ୍

ରାଉରକେଲାର ବିର୍ସାମୁଣ୍ଡା ଆନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଆଜି ଦୁଇଟି ମ୍ୟାଚ ଖେଳାଯିବ । ପ୍ରଥମ ମ୍ୟାଚରେ ଟିମ୍ ଗୋନାସିକା-ତାମିଲନାଡୁ ଡ୍ରାଗନ୍ସ ଏବଂ ଦ୍ୱିତୀୟ ମ୍ୟାଚରେ ୟୁପି ରୁଦ୍ରସ୍ ଓ ହାଇଦ୍ରାବାଦ ତୁଫାନ୍ସ ମଧ୍ୟରେ ମୁକାବିଲା ହେବ । ଗତକାଲି  ଖେଳାଯାଇଥିବା ମ୍ୟାଚରେ ଘରୋଇ ଦଳ କଳିଙ୍ଗ ଲାନସର୍ସ ୬-୦ଗୋଲରେ ବେଙ୍ଗଲ ଟାଇଗର୍ସ ହରାଇ ଦେଇଛି । ଘରୋଇ ଦଳ ପ୍ରଥମ ୬ମିନିଟରେ ତିନୋଟି ଗୋଲ ଦେଇ ବିଜୟଧାରାକୁ ଆଗେଇ ନେଇଥିଲା ।

************